بسم الله الرحمن الرحيم

**ଖୁତ୍‌ବା ଜୁମା ୧୩ ଜାନୁୟାରୀ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ୟୁ.କେ)**

**ନୈଷ୍ଠିକତା ଓ ବିଶ୍ୱସ୍ତତାର ସାକ୍ଷାତ୍ ପ୍ରତିମୂର୍ତ୍ତି କେତେକ ବଦ୍‌ରୀ ସାହାବାମାନଙ୍କର ପବିତ୍ର ଜୀବନୀ ଚର୍ଚ୍ଚା ।**
**ଚଳିତ ମାସ ବୁର୍କିନାଫାସୋ ଅନ୍ତର୍ଗତ ମେହ୍‌ଦୀଆବାଦ୍ ଠାରେ ୯ଜଣ ନିରୀହ ଅହେମଦିଙ୍କୁ ଅତ୍ୟନ୍ତ ନିର୍ମମ ଓ ନୃଶଂସନୀୟ୍ ଭାବରେ ଶହୀଦ୍ କରିଦିଆଗଲା, ସେହି ଶାହାଦତ୍‌କୁ ପାଥେୟ୍ କରି ମୃତକ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ ଓ ବୈକୁଣ୍ଠରେ ସେମାନଙ୍କର ସ୍ତର ଉନ୍ନୀତ ହେବା ନିମନ୍ତେ ପ୍ରାର୍ଥନା ତଥା ବୁର୍କିନାଫାସୋର ପରିସ୍ଥିତି ସାମାନ୍ୟ ହେବା ନିମନ୍ତେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ (ହୁଜୁର ଅନୱର୍ ଅ.ବଙ୍କ) ଆହ୍ୱାନ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ;

ଯେପରିକି ମୁଁ ପୂର୍ବ ଖୁତ୍‌ବାରେ କହିଥିଲି ଯେ, କେତେକ ସାହାବାମାନଙ୍କର ଜୀବନୀ କ୍ରମର କିଛି ଅଂଶ ବାକି ରହି ଯାଇଥିଲା । ତେଣୁ ଆଜି ସେହି ଅବଶିଷ୍ଟ ସାହାବାମାନଙ୍କର ଜୀବନୀ ଚର୍ଚ୍ଚା ଆଲୋଚନା କରିବି । ପ୍ରଥମ ଚର୍ଚ୍ଚା ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅଙ୍କର ହେବ । ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅ ଜଣେ ଉଚ୍ଚ ମଧ୍ୟମ ସମ୍ପନ୍ନ ବ୍ୟକ୍ତି ଥିଲେ ଏବଂ ମସ୍ତିଷ୍କରେ ଥିବା କେଶ ଘଞ୍ଚ ଥିଲା । ଏକ ଅଭିଯାନ ଅବସରରେ ଆଁହଜରତ ସ.ଅ ଆପଣ ର.ଅଙ୍କୁ ଅମୀର୍ ରୂପେ ନିଯୁକ୍ତ କରି ସହାବାମାନଙ୍କୁ ସମ୍ବୋଧିତ କରି କହିଲେ, ମୁଁ ତୁମମାନଙ୍କର ଉପରେ ଏଭଳି ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରୁଛି ଯେକି ତୁମ ଅପେକ୍ଷା ଅଧିକ ଉତ୍ତମ ତ' ନାହାନ୍ତି କିନ୍ତୁ ଭୋକ, ଶୋଷ ସହ୍ୟ କରିବାରେ ସେ ତୁମ ଅପେକ୍ଷା ଅଧିକ ଶକ୍ତିଶାଳୀ ଅଟନ୍ତି । ଏକ ବର୍ଣ୍ଣନା ଅନୁଯାୟୀ ଇସ୍‌ଲାମ୍ ଧର୍ମରେ ସର୍ବପ୍ରଥମ ଧ୍ୱଜାର ପ୍ରଚଳନ ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅ ପ୍ରାରମ୍ଭ କରିଥିଲେ ଏବଂ ସର୍ବ ପ୍ରଥମ ମାଲେ ଗନିମତ୍ (ଯୁଦ୍ଧ ପ୍ରାପ୍ତ ଧନରତ୍ନ) ମଧ୍ୟ ଆପଣ ର.ଅ ବାଣ୍ଟି ଥିଲେ । ହ. ମସିହ୍ ମଉଦ୍ ଅ.ସଙ୍କ ସୁପୁତ୍ର ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅଙ୍କ ନେତୃତ୍ୱରେ ଯାଇଥିବା ଏକ ଅଭିଯାନର ଚର୍ଚ୍ଚା କରି କୁହନ୍ତି, ଉକ୍ତ ଅଭିଯାନରେ ମୁସଲମାନମାନେ **ଶହ୍‌ରେ ହରାମ୍** (ସେହି ପବିତ୍ର ମାସ ଯେଉଁ ମାସରେ ଯୁଦ୍ଧ କରିବା ଅବୈଧ ଥିଲା)ରେ ପରିସ୍ଥିତିର ବଶବର୍ତ୍ତୀ ହୋଇ ପରସ୍ପର ମଧ୍ୟରେ ଯୁଦ୍ଧ କରିଥିଲେ। ଯେତେବେଳେ ଉକ୍ତ ଘଟଣାର ସୂଚନା ଆଁହଜରତ ସ.ଅଙ୍କୁ ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ଅତ୍ୟନ୍ତ ଅସନ୍ତୋଷ ଭାବ ବ୍ୟକ୍ତ କରି କହିଲେ, ମୁଁ ତୁମମାନଙ୍କୁ ଶହ୍‌ରେ ହରାମ୍ ମାସରେ ଯୁଦ୍ଧ କରିବା ନିମନ୍ତେ ଅନୁମତି ପ୍ରଦାନ କରି ନାହିଁ । ପ୍ରତ୍ୟୁତ୍ତରରେ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅ ଓ ତାଙ୍କର ସହସାଥିମାନେ ନିଜର କୃତ୍ୟ ପାଇଁ ଅନୁତପ୍ତ ହେଲେ।

ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅଙ୍କ ଖଡ୍‌ଗ ୱହୋଦ୍ ଯୁଦ୍ଧ ଦିନ ଭାଙ୍ଗି ଯାଇଥିଲା । ଆଁହଜରତ ସ.ଅ ହ. ଅବ୍‌ଦୁଲ୍ଲାଃ ବିନ ଜହଶ୍ ର.ଅଙ୍କୁ ଖଜୁରୀ କୋଳୀର ଏକ (ପିଞ୍ଚ)ଡ଼ାଳ ପ୍ରଦାନ କରିଥିଲେ ଏବଂ ଏହି ପିଞ୍ଚ ଡାଳ ତାଙ୍କ ହସ୍ତରେ ଖଡ୍‌ଗ ପରି ହୋଇ ଯାଇଥିଲା ଅର୍ଥାତ କାର୍ଯ୍ୟ କରୁଥିଲା । ସେହି ଦିନ ଠାରୁ ଆପଣ ର.ଅ ଉର୍ଜୁନ୍ ଉପାଧିରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ଅବୁ ନଇମ୍ କୁହନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ନିଜର ପାଳନକର୍ତ୍ତାଙ୍କ ଶପଥ କରୁଥିବା

ବ୍ୟକ୍ତି, ଈଶ୍ୱର ପ୍ରେମକୁ ନିଜ ମନରେ ସ୍ଥାନିତ କରୁଥିବା ବ୍ୟକ୍ତି ଓ ଇସ୍‌ଲାମ୍ ଧର୍ମର ସର୍ବ ପ୍ରଥମ ଧ୍ୱଜବାହକ ଥିଲେ । ଏକ ଅବସରରେ ହ. ଇମାମ୍ ଶାଫିଇ ବନୁ ଅସଦ୍ ସଂପ୍ରଦାୟର ୬ଟି ସୁଗୁଣାବଳୀର ଚର୍ଚ୍ଚା କରି କହିଲେ, ଇସ୍‌ଲାମ୍ ଧର୍ମରେ ସର୍ବ ପ୍ରଥମ ଧ୍ୱଜା ବନି ଅସଦ୍ ସଂପ୍ରଦାୟର ଜଣେ ବ୍ୟକ୍ତି ଯାହାଙ୍କ ନାମ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ଥିଲା ତାଙ୍କୁ ପ୍ରଦାନ କରାଗଲା । ସେହିପରି ବନୁ ଅସଦ୍ ସଂପ୍ରଦାୟର ଚତୁର୍ଥ ବିଶିଷ୍ଟ ସୁଗୁଣାବଳୀ ଏହିକି ଯେ, ଇସ୍‌ଲାମ୍ ଧର୍ମରେ ସର୍ବପ୍ରଥମ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ) ମଧ୍ୟ ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅ ବାଣ୍ଟିଥିଲେ । ଯେତେବେଳେ ଆପଣ ର.ଅ ଓ୍ୱହୋଦ୍ ଯୁଦ୍ଧ ଦିନ ବୀରଗତି ପ୍ରାପ୍ତ କଲେ ସେତେବେଳେ ହ. ଜୈନବ୍ ବିନ୍‌ତ୍ ଖଜିମା ଆପଣ ର.ଅଙ୍କର ପତ୍ନୀ ଥିଲେ । ବୀରଗତି ପ୍ରାପ୍ତ ଏବଂ ଇଦ୍ଦତ୍‌ର (ସ୍ୱାମୀ ମୃତ୍ୟୁ ପରେ ୪ ମାସ ୧୦ ଦିନ ପର୍ଯ୍ୟନ୍ତ ବୈଧବ୍ୟ ନିୟମ ପାଳନ) ପୂର୍ଣ୍ଣ ହେବା ପରେ ଆଁହଜରତ ସ.ଅ ହ. ଜୈନବ୍ ବିନ୍‌ତ୍ ଖଜିମାଙ୍କୁ ବିବାହ କରିଥିଲେ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ସାଲେହ୍ ଶକ୍ରାନ୍ ର.ଅ । କେତେକଙ୍କ ନିକଟରେ ହ. ଶକ୍ରାନ୍ ର.ଅ ଓ ଉମ୍ମେ ଐମନ୍‌ଙ୍କୁ ହୁଜୁର ସ.ଅ ନିଜର ପିତାଶ୍ରୀଙ୍କ ପକ୍ଷରୁ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ସାମିଲ୍ କରି ନେଇଥିଲେ । ବଦର୍ ଯୁଦ୍ଧ ପରେ ଆଁହଜରତ ସ.ଅ ଦୁହିଁଙ୍କୁ ଦାସତ୍ୱ ବେଢ଼ିରୁ ମୁକ୍ତ କରି ଦେଇଥିଲେ । ହୁଜୁର ସ.ଅଙ୍କ ଅକାଳ ବିୟୋଗ ପରେ ଯେଉଁ ସାହାବାମାନେ ଆପଣ ସ.ଅଙ୍କୁ ସ୍ନାନ କରାଇବା ପାଇଁ ସୌଭାଗ୍ୟ ଅର୍ଜନ କରିଥିଲେ ତନ୍ମଧ୍ୟରେ ହ. ସାଲେହ୍ ଶକ୍ରାନ ର.ଅ ମଧ୍ୟ ସାମିଲ୍ ଥିଲେ । ଏକ ବର୍ଣ୍ଣନାନୁଯାୟୀ ହ. ଉମର୍ ର.ଅ ହ. ଶକ୍ରାନ୍ ର.ଅଙ୍କ ସୁପୁତ୍ରଙ୍କୁ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ନିକଟକୁ ପ୍ରେରଣ କଲେ ଏବଂ ପତ୍ରରେ ଏହି କଥା ଉଲ୍ଲେଖ କଲେ ଯେ, ମୁଁ ତୁମ ନିକଟକୁ ଜଣେ ସଦାଚାରୀ ବ୍ୟକ୍ତିକୁ ପ୍ରେରଣ କରୁଅଛି । ଆଁହଜରତ ସ.ଅଙ୍କ ନିକଟରେ ତାଙ୍କ ପିତାଶ୍ରୀଙ୍କୁ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ରହିଛି ତଦନୁଯାୟୀ ତାଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବ । ହ. ଉମର୍ ର.ଅଙ୍କ ଶାସନ କାଳରେ ହ. ସାଲେହ୍ ବିନ୍ ଶକ୍ରାନ୍‌ଙ୍କର ବିୟୋଗ ହୋଇଥିଲା । ହ. ସାଲେହ୍ ବିନ୍ ଶକ୍ରାନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଏକ ଗଧ ଉପରେ ଆରୋହଣ ହୋଇ ନମାଜ ପଢୁଥିବାର ଅବଲୋକନ କରିଥିଲି । ତେଣୁ ଯାନ ବାହନ ଉପରେ ଆରୋହଣ ହୋଇ ନମାଜ ସଂପର୍କରେ ଲୋକମାନେ ଯେଉଁ ପ୍ରଶ୍ନ ଉତ୍ଥାପିତ କରନ୍ତି ଯେ, ଯାନ ବାହନ ଉପରେ କିମ୍ବା ଅଶ୍ୱ, ଗଧ ଆଦି ଜୀବଙ୍କ ଉପରେ ଆରୋହଣ ହୋଇ ନମାଜ ହେବ ଅବା ନୁହେଁ ? ସେମାନଙ୍କ ପାଇଁ ଉପରୋକ୍ତ ବର୍ଣ୍ଣନା ଯଥୋଚିତ ପ୍ରାମାଣ୍ୟ ଅଟେ ।

ହୁଜୁର ଅନଓ୍ୱର୍ ଅ.ବ କହିଲେ, ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ମାଲିକ୍ ବିନ୍ ଦୁଖ୍‌ଶୁମ୍ । ଆପଣ ର.ଅଙ୍କ ନାମ ଦୁଖୈଶମ୍ ଅବା ଇବ୍‌ନେ ଦୁଖ୍‌ଶୁମ୍ ମଧ୍ୟ ବର୍ଣ୍ଣନାରେ ଉଲ୍ଲେଖ ଥିବାର ବୋଲି ବର୍ଣ୍ଣିତ ରହିଛି । ସୁହୈଲ୍ ବିନ୍ ଅମ୍ର୍‌ଙ୍କୁ ବନ୍ଦୀ କରିବା ଅବସରରେ ହ. ମାଲିକ୍ ବିନ୍ ଦୁଖ୍‌ଶୁମ୍ ଯେଉଁ କବିତା କହିଥିଲେ ତହିଁରେ ଏହି ଚର୍ଚ୍ଚା ମଧ୍ୟ ଉଲ୍ଲେଖ ରହିଛି ଯେ, ସୁହୈଲ୍‌ଙ୍କୁ ବନ୍ଦୀ କଲି ଓ ତାଙ୍କ ବଦଳରେ କୌଣସି ଜାତିର ଅନ୍ୟ ବ୍ୟକ୍ତିକୁ ବନ୍ଦୀ କରିବାକୁ ମୁଁ ଚାହୁଁ ନାହିଁ । ଓ୍ୱହୋଦ୍ ଯୁଦ୍ଧ ଦିନ ଯେତେବେଳେ ମାଲିକ୍ ବିନ୍ ଦୁଖ୍‌ଶୁମ୍ ହ. ଖାର୍ଜାଙ୍କ ପାର୍ଶ୍ୱରୁ ଅତିକ୍ରମ କଲେ ସେତେବେଳେ ତାଙ୍କୁ ୧୩ଟି ଆଘାତ ଲାଗିଥିଲା । ମାଲିକ୍ ତାଙ୍କୁ କହିଲେ, କ'ଣ ଆପଣ ଜାଣନ୍ତି ଯେ, ଆଁହଜରତ ସ.ଅଙ୍କୁ ଶହୀଦ୍ କରିଦିଆଯାଇଛି । ପ୍ରତ୍ୟୁତ୍ତରରେ ଖାର୍ଜା ର.ଅ କହିଲେ, ଯଦି ଏପରି ଥାଏ ତେବେ ଅଲ୍ଲାଃତାଲା ଚିରଞ୍ଜିବ ଅଟନ୍ତି, ସେ କେବେ ବି ମୃତ୍ୟୁ ବରଣ କରିବେ ନାହିଁ । ମୁହମ୍ମଦ ସ.ଅ ଇସ୍‌ଲାମ୍ ଧର୍ମର ସନ୍ଦେଶକୁ ସର୍ବତ୍ର ପହଞ୍ଚାଇ ଦେଇଛନ୍ତି । ତେଣୁ ତୁମେ ମଧ୍ୟ ନିଜ ଧର୍ମ ନିମନ୍ତେ ଯୁଦ୍ଧ କର । ଅନ୍ୟ ଏକ ବର୍ଣ୍ଣନାନୁସାରେ ହ. ମାଲିକ୍ ସାଆଦ୍ ବିନ୍ ରବିଇଙ୍କ ନିକଟବର୍ତ୍ତୀ ଦେଇ ଯେତେବେଳେ ଅତିକ୍ରମ କଲେ ସେତେବେଳେ ତାଙ୍କୁ ୧୨ଟି ଆଘାତ ଲାଗିଥିଲା । ହ. ମାଲିକ୍ ର.ଅ ତାଙ୍କୁ ମଧ୍ୟ ସେହି ସମାନ କଥା କହିଲେ, ଫଳତଃ ସାଆଦ୍ ବିନ୍ ରବିଇ ମଧ୍ୟ କହିଲେ, ମୁଁ ସାକ୍ଷ୍ୟ ଦେଉଅଛି ଯେ, ହ. ମୁହମ୍ମଦ୍ ସ.ଅ ନିଜ ପ୍ରଭୁଙ୍କର ସନ୍ଦେଶ ପହଞ୍ଚାଇ ଦେଇଛନ୍ତି । ଅତଏବ ତୁମେ ଇସ୍‌ଲାମ୍ ଧର୍ମ ସକାଶେ ଯୁଦ୍ଧ କର ।

ଲୋକମାନଙ୍କ ମଧ୍ୟରୁ କେତେକ ଲୋକ ଆଁହଜରତ ସ.ଅଙ୍କୁ ହ. ମାଲିକ୍ ର.ଅଙ୍କ ସଂପର୍କରେ ଏହା କହିଲେ, ମାଲିକ୍ ହେଉଛନ୍ତି କପଟବିଶ୍ୱାସୀଙ୍କର ଆଶ୍ରୟସ୍ଥଳୀ । ଆପଣ ସ.ଅ କହିଲେ,କ'ଣ ସେ (ମାଲିକ୍)ନମାଜ ପଢୁ ନାହାନ୍ତି ? ଲୋକମାନେ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହଁ ସେ ନମାଜ ତ' ପଢନ୍ତି କିନ୍ତୁ ସେଭଳି ନମାଜ ପାଠର କୌଣସି

ମୂଲ୍ୟ ନାହିଁ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ପୁନଃ କହିଲେ, ହେ ଲୋକମାନେ ମୋତେ ନମାଜ ପାଠକାରୀଙ୍କୁ ବଧ କରିବାରୁ ବାରଣ କରାଯାଇଛି । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହୁଜୁର ସ.ଅ ହ. ମାଲିକ୍ ବିନ୍ ଦୁଖ୍‌ଶୁମ୍ ର.ଅଙ୍କ ସହିତ ଆସିମ୍ ବିନ୍ ଅଦିଙ୍କୁ ମସ୍‌ଜିଦ୍ ଜିରାର୍‌କୁ ଭୂମିସାତ୍ କରିବା ପାଇଁ ପ୍ରେରଣ କରିଥିଲେ । ଆପଣ ର.ଅଙ୍କ ସଂପର୍କରେ ଏହି ଚର୍ଚ୍ଚା ମିଳେ ଯେ, ହ. ମାଲିକ୍ ର.ଅଙ୍କ ବଂଶ ପରମ୍ପରା ଆଗକୁ ବଢି ପାରି ନଥିଲା ।

ହୁଜୁର ଅନଓ୍ୱର୍ ଅ.ବ କହିଲେ, ପରବର୍ତ୍ତୀ ସାହାବି ହେଉଛନ୍ତି, ହ. ଉକାଶା ର.ଅ । ହ. ଉକାଶା ର.ଅ ହ. ଅବୁ ବକର ର.ଅଙ୍କ ଖିଲାଫତ୍ କାଳରେ ବୀରଗତି ପ୍ରାପ୍ତ କରିଥିଲେ । ଇମାମ୍ ଶାଫିଇ କୁହନ୍ତି, ଜଣେ ବୈକୁଣ୍ଠଗାମୀ ବ୍ୟକ୍ତି ଥିଲା । କିନ୍ତୁ ବୈକୁଣ୍ଠଗାମୀ ହେବା ସତ୍ତ୍ୱେ ମଧ୍ୟ ଭୂପୃଷ୍ଠରେ ବିନୀତତାର ସହିତ ବିଚରଣ କରୁଥିଲା ଏବଂ ସେହି ବ୍ୟକ୍ତି ହେଉଛନ୍ତି ହ. ଉକାଶା ର.ଅ । ବଦର୍ ଯୁଦ୍ଧ ପରେ ତୁରନ୍ତ ୨ ହିଜ୍‌ରୀରେ ରସୁଲୁଲ୍ଲାଃ ସ.ଅ ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍‌ଙ୍କୁ ଏକ ଅଭିଯାନରେ ପ୍ରେରଣ କରିଥିଲେ, ସେହି ସରିୟା (ସେହି ଯୁଦ୍ଧ ଯେଉଁ ଯୁଦ୍ଧରେ ଆପଣ ସ.ଅ ସ୍ୱୟଂ ସମ୍ମିଳିତ ହୋଇ ନଥିଲେ ବରଂ ଅନ୍ୟକୁ ପ୍ରେରଣ କରିଥିଲେ)ରେ ଉକାଶା ମଧ୍ୟ ହ. ଅବ୍‌ଦୁଲ୍ଲାଃ ବିନ ଜହଶ୍‌ଙ୍କ ସହିତ ଥିଲେ । ଓହୋଦ୍ ଯୁଦ୍ଧ ଅବସରରେ ହୁଜୁର୍ ସ.ଅ ଅହରହ ଧନୁ ଚାଳନା କରୁଥିଲେ । ଫଳତଃ ଧନୁର ଏକ ପାର୍ଶ୍ୱ ଭାଗ ଭାଙ୍ଗିଗଲା । ହ. ଉକାଶା ର.ଅ ଧନୁ ବାନ୍ଧିବା ନିମନ୍ତେ ଆଁହଜରତ ସ.ଅଙ୍କ ଠାରୁ ଏକ ଡୋର ମାଗି ନେଲେ, କିନ୍ତୁ ତାହା ଛୋଟ ହୋଇଗଲା । ଆପଣ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଡୋର ଛୋଟ ପଡ଼ି ଯାଇଛି । ଆପଣ ସ.ଅ କହିଲେ, ଆଚ୍ଛା ଡ଼ୋର ଛୋଟ ହୋଇଯାଇଛି ! ତାହାହେଲେ, ଏହି ଡୋରକୁ ଟାଣ । ହ. ଉକାଶା କୁହନ୍ତି, ମୁଁ ଡୋରକୁ ଟାଣିଲି ଏବଂ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତାହା ଏତେ ଦୀର୍ଘ ହୋଇଗଲା ଯେ, ମୁଁ ଧନୁର ଶେଷ ଭାଗରେ ସେହି ଡ଼ୋରକୁ ଦୁଇ ତିନି ଘେରା ଗୁଡ଼େଇ ମଧ୍ୟ ଦେଲି ।

ଏକ ଅଭିଯାନ ଅବସରରେ ହୁଜୁର ସ.ଅ ମଦିନା ପ୍ରତି ଥିବା ବିପଦ ଶଙ୍କୁଳ ପରିସ୍ଥିତିର ଅନୁମାନ କରି ଘୋଷଣା କଲେ । ସୁତରାଂ ଅଶ୍ୱାରୋହୀମାନେ ଆଁହଜରତ ସ.ଅଙ୍କ ନିକଟରେ ଏକତ୍ରିକ ହେବାକୁ ଲାଗିଲେ । ସେହି ଅଶ୍ୱାରୋହୀଙ୍କ ମଧ୍ୟରେ ହ. ଉକାଶା ର.ଅ ମଧ୍ୟ ଥିଲେ ।

ହୁଜୁର ଅନଓ୍ୱର୍ ଅ.ବ କହିଲେ ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା କରିବି ସେ ହେଉଛନ୍ତି ହ. ଜକରିୟା ବିନ୍ ଲବିଦ୍ ର.ଅ । ତାଙ୍କର ଗୋତ୍ର ଅବୁ ଅବ୍‌ଦୁଲ୍ଲାଃ ଥିଲା । ଆପଣ ର.ଅଙ୍କର ପରିଜନମାନେ ମଦିନା ଏବଂ ବାଗ୍‌ଦାଦ୍ ଠାରେ ଅବସ୍ଥାନ କରିଥିଲା । ହ. ଜିୟାଦ୍‌କୁ ହୁଜୁର ସ.ଅ ଏକ ଜାତି ଅଭିମୁଖେ ଧର୍ମ ଶିକ୍ଷା ନିମନ୍ତେ ପ୍ରେରଣ କରିଦେଲେ। ହ. ଜିୟାଦ୍ ର.ଅ ୪୧ ହିଜରୀରେ ହ. ମୁଆୱିୟାଙ୍କ ଶାସନକାଳରେ ମୃତ୍ୟୁବରଣ କରିଥିଲେ ।

ହୁଜୁର ଅନଓ୍ୱର୍ ଅ.ବ କହିଲେ ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି, ହ. ଖାଲିଦ୍ ବିନ୍ ବୁକୈର୍ ର.ଅ । ହ. ଖାଲିଦ୍ ବିନ୍ ବୁକୈର୍ ର.ଅଙ୍କ ସଂପର୍କ ବନୁ ସାଆଦ୍ ସହିତ ଥିଲା । ଆଁହଜରତ ସ.ଅ ତାଙ୍କୁ ମଧ୍ୟ ଧର୍ମ ଶିକ୍ଷା ଏବଂ ପବିତ୍ର କୁରଆନ୍ କରୀମ୍ ପଢାଇବା ପାଇଁ ଏକ ଜାତି ଅଭିମୁଖେ ଅନ୍ୟ ୫ଜଣ ବ୍ୟକ୍ତିଙ୍କ ସହିତ ପ୍ରେରଣ କରିଥିଲେ । ସେହି ଲୋକମାନେ ଯେଉଁମାନେ ହ. ବୁକୈର୍ ର.ଅଙ୍କୁ ଧର୍ମ ଏବଂ ପବିତ୍ର କୁରଆନ୍ କରୀମ୍ ଶିକ୍ଷା ନିମନ୍ତେ ନିଜ ସାଙ୍ଗରେ ନେଇଥିଲେ ସେମାନେ କିନ୍ତୁ ହ. ବୁକୈର୍ ର.ଅଙ୍କୁ ଛଳନାପୂର୍ବକ ଶହୀଦ୍ କରି ଦେଇଥିଲେ ।

ପରବର୍ତ୍ତୀ ସାହାବି ହେଉଛନ୍ତି ହ. ଅମ୍ମାର୍ ବିନ୍ ୟାସିର୍ ର.ଅ । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଏକଦା ଆଁହଜରତ ସ.ଅ ଅମ୍ମାର୍ ନାମକ ଜଣେ ଦାସଙ୍କ ନିକଟରୁ ଅତିକ୍ରମ କଲେ ଏବଂ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅବସ୍ଥା ପଚାରି ବୁଝିଲେ । ଅମ୍ମାର୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଶତ୍ରୁମାନେ ମୋତେ ସେ ପର୍ଯ୍ୟନ୍ତ ମାରି ଚାଲିଥିଲେ ଯେପର୍ଯ୍ୟନ୍ତ ସେ ମୋ ଠାରୁ ଆପଣ ସ.ଅଙ୍କ ବିରୁଦ୍ଧରେ ମନ୍ତବ୍ୟ ଶୁଣି ନନେଇଥିଲେ । ହୁଜୁର ସ.ଅ କହିଲେ, ତୁମେ ନିଜ ମନରେ କ'ଣ ଅନୁଭବ କରୁଛ ? ଅମ୍ମାର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ମନରେ ଆପଣ ସ.ଅଙ୍କ ପ୍ରତି ଅତୁଟ ବିଶ୍ୱାସ ରହିଛି । ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ କହିଲେ, ଯଦି ତୁମ ମନରେ ଆଶ୍ୱସ୍ତିପୂର୍ଣ୍ଣ ଅତୁଟ ବିଶ୍ୱାସ ରହିଛି ତେବେ ପ୍ରଭୁ ତୁମର ଦୋଷ ଦୁର୍ବଳତାକୁ ଅବଶ୍ୟ କ୍ଷମା କରିଦେବେ ।

ହୁଜୁର ଅନଓ୍ୱର୍ ଅ.ବ କହିଲେ, ହ. ଉସ୍‌ମାନ୍ ର.ଅଙ୍କ ଶାସନରେ ଯେତେବେଳେ ଉପଦ୍ରବ ବୃଦ୍ଧି ପାଇବାକୁ ଲାଗିଲା ସେତେବେଳେ ସାହାବାମାନଙ୍କ ପକ୍ଷରୁ ମଧ୍ୟ ପତ୍ର ହସ୍ତଗତ ହେବାକୁ ଲାଗିଲା । ଅତଃ ସାହାବାମାନେ ହ.

ଉସ୍‌ମାନ୍ ର.ଅଙ୍କୁ ଗଭର୍ଣ୍ଣରମାନଙ୍କ ସଂକ୍ରାନ୍ତରେ ସେହି କଥା ଦ୍ୱାରା ଅବଗତ କଲେ । ପରାମର୍ଶ ହେବା ପରେ କେତେକ ସାହାବାମାନଙ୍କୁ ତଦନ୍ତ ନିମନ୍ତେ ପ୍ରେରଣ କରାଗଲା । ସମସ୍ତ ଗଭର୍ଣ୍ଣରମାନେ ହ. ଉସ୍‌ମାନ୍ ର.ଅଙ୍କ ନିକଟକୁ ସକାରାତ୍ମକ ରିପୋର୍ଟ ପ୍ରେରଣ କଲେ । କିନ୍ତୁ ହ. ଅମ୍ମାର୍ ର.ଅଙ୍କ ପକ୍ଷରୁ କୌଣସି ଉତ୍ତର ପ୍ରାପ୍ତ ହେଲା ନାହିଁ ଏବଂ ତହିଁରେ ଏତେ ବିଳମ୍ବ ଘଟିଲା ଯେ, ହ. ଉସ୍‌ମାନ୍ ର.ଅ ଏହି ଆଶଙ୍କା କଲେ ଯେ, ସମ୍ଭବତଃ ହ. ଅମ୍ମାର୍ ର.ଅ ଶହୀଦ୍ ହୋଇ ଯାଇଛନ୍ତି । କିନ୍ତୁ ବାସ୍ତବରେ ହ. ଅମ୍ମାର ନିଜର ସରଳ ପଣିଆ, ନିରୀହତା ଯୋଗୁଁ ରାଜନୈତିକତା ସହିତ ଅପରିଚିତ ହେବା ଯୋଗୁଁ ଉପଦ୍ରବକାରୀଙ୍କ ଫାସରେ ପଡ଼ି ଯାଇଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି, ଅମ୍ମାର୍ ବିନ୍ ୟାସିର୍ ର.ଅଙ୍କ ସେହି ଉପଦ୍ରବକାରୀଙ୍କ ଫାସରେ ପଡ଼ିଯିବା ପଛରେ ଏକ ବିଶିଷ୍ଟ କାରଣ ମଧ୍ୟ ନିହିତ ଥିଲା । ତାହା ଏହିପରି ଯେ, ଆପଣ ର.ଅ ମିସର ପହଞ୍ଚିବା କ୍ଷଣି ସେହି ଉପଦ୍ରବକାରୀମାନେ ଆପଣ ର.ଅଙ୍କୁ ଘେରିଗଲେ ଏବଂ ନିଜର ତୀକ୍ଷ୍ଣ ବଚନ ଓ କଟୁ ବାଣୀ ଦ୍ୱାରା ମିସର୍‌ର ଶାସକଙ୍କ ବିରୁଦ୍ଧରେ ଅଭିଯୋଗ ଆରମ୍ଭ କରିଦେଲେ ଏବଂ ଅମ୍ମାର ବିନ୍ ୟାସିର୍ ର.ଅ ନିଜର ସରଳତା ଏବଂ ନିରୀହ ପଣିଆ ଯୋଗୁଁ ସେମାନଙ୍କର ଅଭିଯୋଗକୁ ଗ୍ରହଣ କରି ନେଇଥିଲେ ।

ସଫିନ୍ ଯୁଦ୍ଧ ଅବସରରେ ହ. ଅମ୍ମାର୍ ବିନ୍ ୟାସିର୍ ର.ଅଙ୍କ ଉପରେ ଏହି ବାସ୍ତବତା ସ୍ପଷ୍ଟ ହୋଇଗଲା ଯେ, ସେହି ଉପଦ୍ରବକାରୀ ଲୋକମାନେ କିଭଳି ଛଳନାପୂର୍ବକ ଉପଦ୍ରବ ସୃଷ୍ଟି କରି ହ. ଉସ୍‌ମାନ୍ ର.ଅଙ୍କୁ ଶହୀଦ କରିଦେଲେ। ସଫିନ୍ ଯୁଦ୍ଧରେ ଆପଣ ର.ଅ ଅତ୍ୟନ୍ତ ସାହାସିକତାର ସହିତ ସାମିଲ୍ ହୋଇ ବୀରଗତି ପ୍ରାପ୍ତ କରିଥିଲେ ।

ଖୁତ୍‌ବାର ଶେଷରେ ହୁଜୁର ଅନୱର୍ ଅ.ବ କହିଲେ, ଏକ ଦୁଃଖଦାୟକ ସୂଚନା ରହିଛି । ପ୍ରାପ୍ତ ସୂଚନା ଅନୁସାରେ ବୁର୍କିନାଫାସୋ ଠାରେ ଗତ ବୁଧବାର ଦିନ ୯ ଜଣ ଅହେମଦିମାନଙ୍କୁ ଅତି ନିର୍ମମ ଭାବରେ ଶହୀଦ୍ କରି ଦିଆଯାଇଛି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ହୁଜୁର ଅନୱର୍ ଅ.ବ କହିଲେ ସେହି ବୀରଗତି ପ୍ରାପ୍ତ କିରଥିବା ଅହେମଦିମାନଙ୍କ ପାଇଁ ଏହା ଏକ ଅଗ୍ନୀ ପରୀକ୍ଷା ଥିଲା । ଯେଉଁ ପରୀକ୍ଷାରେ ସେମାନେ ଅବିଚଳତା ପ୍ରଦର୍ଶନ କରି ଉତ୍ତୀର୍ଣ୍ଣ ହୋଇଛନ୍ତି । ଦୁର୍ବୃତ୍ତମାନେ କେବଳ ଆଖିବୁଜା ଗୁଳି ଚାଳନା କରିଥିଲେ ତାହା ନୁହେଁ । ବରଂ ଜଣ ଜଣଙ୍କୁ ଡାକି ଗୁଳି କରି ଶହୀଦ୍ କରାଯାଇଥିଲା । ଉକ୍ତ ଘଟଣାର ସୂଚନା ବର୍ତ୍ତମାନ ଧୀରେ ଧୀରେ ପ୍ରାପ୍ତ ହେଉଛି କିନ୍ତୁ ଏହାର ଆହୁରି ସ୍ପଷ୍ଟ ସୂଚନା ମଧ୍ୟ ମୋ ନିକଟକୁ ପତ୍ର ଆକାରରେ ହସ୍ତଗତ ହେଉଅଛି ଯାହାର ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ମୁଁ ଆସନ୍ତା ଖୁତ୍‌ବାରେ ଚର୍ଚ୍ଚା କରିବି । ହୁଜୁର ଅନୱର୍ ଅ.ବ ସମସ୍ତ ଶୋହଦାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ବୈକୁଣ୍ଠରେ ସେମାନଙ୍କର ସ୍ତର ଉନ୍ନୀତ ହେବା ନିମନ୍ତେ ପ୍ରାର୍ଥନା କଲେ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ପାଇଁ ଆହ୍ୱାନ ଜଣାଇ କହିଲେ, ବୁର୍କିନାଫାସୋର ପରିସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ସଂକଟାପନ୍ନ ରହିଛି । ଆତଙ୍କବାଦୀ ଗୋଷ୍ଠୀ ଅହେମଦିମାନଙ୍କୁ ଧମକ ଦେଇ ଯାଇଛନ୍ତି ଯେ, ଯଦି ମସ୍‌ଜିଦ୍ ଆଉଥରେ ଖୋଲ ତେବେ ଭୟଙ୍କର ପରିଣାମ ଦେଖିବ। ତେଣୁ ଆପଣମାନେ ସମସ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅନିଷ୍ଟତା ଏବଂ ଉପଦ୍ରବତା ଠାରୁ ଅହେମଦି ମାନଙ୍କୁ ରକ୍ଷା କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a
13th JAN. 2023